# NATIONAL NEWS BULLETIN (ODIA)
## 25 January - 2025
## Evening Bulletin : 8.00 P.M.

*********************************

## ମୁଖ୍ୟ ସମ୍ବାଦ

- ୭୬ତମ ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଦେଶବାସୀଙ୍କୁ ସମ୍ବୋଧନ କଲେ ରାଷ୍ଟ୍ରପତି ।

– କହିଲେ, କୃଷକ ଭାଇଭଉଣୀଙ୍କ କଠିନ ପରିଶ୍ରମ ଦେଶକୁ କରିଛି ଆତ୍ମନିର୍ଭରଶୀଳ ।

- ସାହସିକତା ଓ ଉଲ୍ଲେଖନୀୟ ସେବା ପାଇଁ ୯୪୨ ଜଣ ପୁଲିସ୍ କର୍ମୀ ହେବେ ସମ୍ମାନୀତ ।
- ଦେଶରେ ଆଜି ପାଳିତ ହୋଇଛି ଜାତୀୟ ମତଦାତା ଦିବସ ।

ଏବଂ

- ଚେନ୍ନାଇଠାରେ ଭାରତ-ଇଂଲଣ୍ଡ ଦ୍ୱିତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍ ଜାରି ।

# ରିପବ୍ଲିକ୍ ଡେ

ଦେଶ ଆସନ୍ତାକାଲି ପାଳନ କରିବ ୭୬ତମ ସାଧାରଣତନ୍ତ୍ର ଦିବସ । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର କର୍ତ୍ତବ୍ୟପଥ ଠାରେ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବେ ।

ସମ୍ବିଧାନ ପ୍ରଣୟନର ୭୫ ବର୍ଷ ପୂର୍ତ୍ତି ତଥା ଜନଭାଗିଦାରୀତାର ନିଦର୍ଶନ ସ୍ୱରୂପ ସ୍ଥଳସେନା, ବାୟୁସେନା, ନୌସେନା, ଅର୍ଦ୍ଧ ସାମରିକ ବାହିନୀ, ଏନ୍.ସି.ସି. ଏବଂ ଏନ୍.ଏସ୍.ଏସ୍. ତଥା ବିଭିନ୍ନ ବର୍ଗର ସାମରିକ, ପୁଲିସ୍ ବାହିନୀ ପକ୍ଷରୁ ସମ୍ମିଳିତ ପରେଡ୍ ପ୍ରଦର୍ଶନ କରାଯିବ । ଭାରତର ସାଂସ୍କୃତିକ ବିବିଧତା ଏବଂ ସାମରିକ ଶକ୍ତି କର୍ତ୍ତବ୍ୟପଥରେ ପ୍ରଦର୍ଶନ କରାଯିବାର କାର୍ଯ୍ୟକ୍ରମ ରହିଛି ।

ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀରେ ଜାତୀୟ ଯୁଦ୍ଧ ସ୍ମାରକୀ ଠାରେ ସହିଦମାନଙ୍କ ସମ୍ମାନାର୍ଥେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କର୍ତ୍ତବ୍ୟପଥ ଠାରେ ଆନୁଷ୍ଠାନିକ ଭାବେ ପଦାର୍ପଣ କରି ଜାତୀୟ ପତାକା ଉତ୍ତୋଳନ କରିବା ପରେ ସମ୍ମିଳିତ ପରେଡ୍ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ଆସନ୍ତାକାଲି ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋଓ ସୁବିୟାନ୍ତୋ ଯୋଗଦେବା ସହ ଇଣ୍ଡୋନେସିଆ ସରକାରଙ୍କ ୧୬୦ ଜଣ ସେନା କର୍ମୀ ତଥା ୧୯୦ ଜଣ ବ୍ୟାଣ୍ଡ କଣ୍ଟିଜେଣ୍ଟ୍ ପରେଡ୍‌ରେ  ଅଂଶଗ୍ରହଣ କରିବେ ।

# ରାଷ୍ଟ୍ରପତି

୭୬ତମ ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସନ୍ଧ୍ୟାରେ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ଦେଶବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ଦେଶ ପାଇଁ ପ୍ରାଣବଳୀ ଦେଇଥିବା ବୀର ଯମାନମାନଙ୍କୁ ସ୍ମରଣ କରିଛନ୍ତି । ମାତୃଭୂମିକୁ  ବିଦେଶୀ ଶାସନର କବଳରୁ ମୁକ୍ତ କରିବା ପାଇଁ ସ୍ୱାଧୀନତା ସଂଗ୍ରାମୀମାନେ ସବୁଠାରୁ ବଡ଼ ବଳିଦାନ ଦେଇଥିଲେ ବୋଲି ରାଷ୍ଟ୍ରପତି କହିଛନ୍ତି । ଚଳିତ ବର୍ଷ ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳନ କରିବା ବିଷୟକୁ ନେଇ ରାଷ୍ଟ୍ରପତି କହିଛନ୍ତି, ସେ ହେଉଛନ୍ତି ଜଣେ ଅନ୍ୟତମ ଅଗ୍ରଣୀ ସ୍ୱାଧୀନତା ସଂଗ୍ରାମୀ, ଯାହାଙ୍କ ଭୂମିକାକୁ ଆମେ ଜାତୀୟ ଇତିହାସ ଦୃଶ୍ୟପଟ୍ଟରେ ଯଥେଷ୍ଟ ଗୁରୁତ୍ୱ ଦେଉଛି ।

ଏହି ଅବସରରେ ରାଷ୍ଟ୍ରପତି ମହାତ୍ମା ଗାନ୍ଧୀ, ରବୀନ୍ଦ୍ରନାଥ ଟାଗୋର ଏବଂ ବାବାସାହେବ ଆମ୍ବେଦକରଙ୍କ ଭଳି ମହାନ ବ୍ୟକ୍ତିତ୍ୱଙ୍କୁ ମଧ୍ୟ ମନେ ପକାଇଛନ୍ତି । ଆମ ସମ୍ବିଧାନ ଏକ ଜୀବନ୍ତ ଦସ୍ତାବିଜ୍‌ରେ ପରିଣତ ହୋଇଛି, କାରଣ ଶତାବ୍ଦୀ ଧରି ଜୀବନ ପ୍ରତି ଆମର ନୈତିକ ଦୃଷ୍ଟିକୋଣରେ ନାଗରିକଙ୍କ ଅଖଣ୍ଡତା ଏକ ପ୍ରମୁଖ ଉପାଦାନ ପାଲଟିଛି ବୋଲି ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କହିଛନ୍ତି । ବିଗତ ୭୫ ବର୍ଷ ଧରି ସମ୍ବିଧାନ ଆମର ପ୍ରଗତିର ମାର୍ଗ ପ୍ରଶସ୍ତ କରିଛି ବୋଲି ସେ କହିଛନ୍ତି ।

**V/O**

କୃଷକ ଭାଇଭଉଣୀମାନେ କଠିନ ପରିଶ୍ରମ କରି ଆମ ଦେଶକୁ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିପାରିଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି ।

## ରାଷ୍ଟ୍ରପତି ପଦକ

୨୦୨୫ ଗଣତନ୍ତ୍ର ଦିବସ ଅବସରରେ ୯୪୨ ଜଣ ପୁଲିସ୍, ଅଗ୍ନିଶମ, ଗୃହରକ୍ଷୀ ଓ ନାଗରିକ ସୁରକ୍ଷା  ଏବଂ ଜେଲ୍ ବିଭାଗର କର୍ମଚାରୀଙ୍କୁ ଉଲ୍ଲେଖନୀୟ ଅବଦାନ ଲାଗି ସାହସିକତା ଓ ସେବା ପଦକ ପ୍ରଦାନ କରାଯିବ । ଏଥିରେ ୧୦୧ ଜଣଙ୍କୁ ରାଷ୍ଟ୍ରପତି ପଦକ ପ୍ରଦାନ ସହ ଉତ୍କୃଷ୍ଟ ସେବା ପାଇଁ ୭୪୬ ଜଣଙ୍କୁ  ପଦକ ପ୍ରଦାନ କରାଯିବ ବୋଲି ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ସେହିପରି ସାହସିକତା ପାଇଁ ୯୫ ଜଣଙ୍କୁ ସମ୍ମାନିତ କରାଯିବ ।

ଓଡ଼ିଶାରୁ ୧୯ ଜଣଙ୍କୁ ଉଲ୍ଲେଖନୀୟ ସେବା ପାଇଁ ପଦକ ପ୍ରଦାନ କରାଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଏଥିରେ  ୨ ଜଣଙ୍କୁ ରାଷ୍ଟ୍ରପତି ପଦକ, ୬ ଜଣଙ୍କୁ ସାହସିକତା ପଦକ ଏବଂ ୧୧ ଜଣଙ୍କୁ ଉଲ୍ଲେଖନୀୟ ସେବା ପଦକ ପ୍ରଦାନ କରାଯିବ ।

ସେହିପରି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋର ୩୧ ଜଣ ଅଧିକାରୀଙ୍କୁ ଏହି ଅବସରରେ ଉଲ୍ଲେଖନୀୟ ସେବା ପାଇଁ ପଦକ ପ୍ରଦାନ କରାଯିବ ବୋଲି ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଏମାନଙ୍କ ମଧ୍ୟରେ ୬ ଜଣ

ଅଧିକାରୀଙ୍କୁ ରାଷ୍ଟ୍ରପତି ପଦକ ଏବଂ ୨୫ ଜଣ ଅଧିକାରୀଙ୍କୁ ଉଲ୍ଲେଖନୀୟ ସେବା ପଦକ ପ୍ରଦାନ କରାଯିବ । ନୂଆଦିଲ୍ଲୀରେ ଅବସ୍ଥାପିତ ସିବିଆଇର ଯୁଗ୍ମ ନିର୍ଦ୍ଦେଶକ ତଥା ଓଡ଼ିଆ ଆଇ.ପି.ଏସ୍. ଘନଶ୍ୟାମ ଉପାଧ୍ୟାୟଙ୍କୁ ଏହି ଅବସରରେ ରାଷ୍ଟ୍ରପତି ପଦକ ପାଇଁ ମନୋନୀତ କରାଯାଇଛି ।

## ରାଷ୍ଟ୍ରପତି-ଶୌର୍ଯ୍ୟଚକ୍ର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଲ୍ଲେଖନୀୟ ସାହସିକତା ପ୍ରଦର୍ଶନ ପାଇଁ କର୍ପୋରାଲ୍ ଦାବି ସଂଜୟ ହିଫାବାଇଙ୍କ ଶୌର୍ଯ୍ୟଚକ୍ର ପ୍ରଦାନ କରିଛନ୍ତି । ନିଜ କର୍ତ୍ତବ୍ୟକୁ ଠିକଣା ଭାବରେ ନିର୍ବାହନ କରିବା ସହ ସେ ଜାମ୍ମୁ କାଶ୍ମୀର ରାଜ୍ୟର ଶହସିତାର ଠାରେ ତିନି ଜଣ ଆତଙ୍କବାଦୀଙ୍କ ସହିତ ସାହସିକତାର ସହିତ ଲଢ଼ି ଦେଶ ପାଇଁ ଗୌରବ ଅର୍ଜନ କରିଥିଲେ । ସଂଜୟ ହିଫାବାଇ ଭାରତୀୟ ବାୟୁସେନାରେ ୨୮ ଡିସେମ୍ବର ୨୦୧୧ରେ ଯୋଗ ଦେଇଥିଲେ ।

ସେହିପରି ଫ୍ଲାଇଟ୍ ଲ୍ୟୁଟ୍‌ନାଣ୍ଟ ଅମନ୍ ସିଂହ ହନ୍ସଙ୍କୁ ରାଷ୍ଟ୍ରପତି ଶୌର୍ଯ୍ୟଚକ୍ର ପ୍ରଦାନ କରିଛନ୍ତି । ସେ ୧୫ ଜୁନ୍ ୨୦୧୯ରୁ ୭ ସେପ୍ଟେମ୍ବର ୨୦୨୦ ଯାଏଁ ମିଗ୍-୨୯ ସ୍କ୍ୱାର୍ଡନ୍‌ରେ ନିଜର ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପ୍ରତିପାଦନ କରିଥିଲେ । ରାଷ୍ଟ୍ରପତି ଏହି ଅବସରରେ ୭ ଜଣଙ୍କୁ ସାହସିକତା ପାଇଁ ବାୟୁସେନା ପଦକ ପ୍ରଦାନ କରିଛନ୍ତି ।

# ଜାତୀୟ ଭୋଟର୍ସ୍ ଦିବସ

ଆଜି ଜାତୀୟ ମତଦାତା ଦିବସ । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଭାରତ ହେଉଛି ବିଶ୍ୱର ସବୁଠାରୁ ବଡ଼, ବିବିଧତା ସମ୍ପନ୍ନ, ସମ୍ବେଦନଶୀଳ ଏବଂ ଯୁବ ଗଣତନ୍ତ୍ର । ନୂଆଦିଲ୍ଲୀ ଠାରେ ପଞ୍ଚଦଶ ଜାତୀୟ ମତଦାତା ଦିବସ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, ଭାରତ ହେଉଛି ଗଣତନ୍ତ୍ରର ଜନନୀ ଏବଂ ଏହାର ଗଣତାନ୍ତ୍ରିକ ପ୍ରକ୍ରିୟା ଆଦିମ କାଳରୁ ଚଳି ଆସୁଛି । ସେ କହିଛନ୍ତି, ଆଧୁନିକ ବିଶ୍ୱର ଅନନ୍ୟ ଉଦାହରଣ ହେଉଛି ଭାରତର ଗଣତନ୍ତ୍ର । ମତଦାନ ପ୍ରକ୍ରିୟାରେ ମହିଳାମାନଙ୍କର ଭାଗିଦାରୀ ସମାଜ ଏବଂ ଦେଶର ବିକାଶକୁ ପ୍ରତିନିଧିତ୍ୱ କରୁଛି ବୋଲି ସେ କହିଛନ୍ତି । ୮୫ ବର୍ଷ ବୟସରୁ ଅଧିକ ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଏବଂ ଦୁର୍ଗମ ଅଞ୍ଚଳରେ ରହୁଥିବା ଆଦିବାସୀ ଭୋଟର୍‌ଙ୍କ ମତଦାନ ପାଇଁ ନିର୍ବାଚନ ଆୟୋଗ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ।

ଗଣତନ୍ତ୍ର ଉପରେ ପୂର୍ଣ୍ଣ ବିଶ୍ୱାସ ରଖି ଭୋଟରମାନେ ସମସ୍ତ ପ୍ରକାର ସଂକୁଚିତ ମାନସିକତା ଓ ଭେଦଭାବର ଊର୍ଦ୍ଧ୍ୱକୁ ଉଠି ନିଜର ଭୋଟ୍ ଦେବାର ଅଧିକାରକୁ ସାବ୍ୟସ୍ତ କରିବା ଉଚିତ୍ ବୋଲି ରାଷ୍ଟ୍ରପତି କହିଛନ୍ତି ।

ସଚେତନ ଭୋଟର ସବୁବେଳେ ଗଣତନ୍ତ୍ରକୁ ସଶକ୍ତ କରିଥାନ୍ତି ବୋଲି ସେ କହିଛନ୍ତି ।

ଏହି ଅବସରରେ କେନ୍ଦ୍ର ଆଇନ୍ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ୍ ଶାନ୍ତିପୂର୍ଣ୍ଣ ଏବଂ ନିରପେକ୍ଷ ନିର୍ବାଚନ ପରିଚାଳନାରେ ନିର୍ବାଚନ କମିଶନ୍‌ଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି । ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାର କହିଛନ୍ତି, ବର୍ତ୍ତମାନ ଭାରତରେ ୯୯ କୋଟି ଭୋଟର ରହିଛନ୍ତି । ଏହା ଖୁବ୍ ଶୀଘ୍ର ଏକ ନୂତନ ରେକର୍ଡ ସୃଷ୍ଟି କରିବାକୁ ଯାଉଛି, ଯେଉଁଠାରେ ୧ କୋଟିରୁ ଊର୍ଦ୍ଧ୍ୱ ଭୋଟର୍ ମତଦାନ କରିବାର ଅଧିକାର ପାଇବେ ।

ଏହି ଅବସରରେ ରାଷ୍ଟ୍ରପତି  ବିଭିନ୍ନ ରାଜ୍ୟ ଓ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କୁ ନିର୍ବାଚନ ସମୟରେ ସେମାନଙ୍କର ଉତ୍ତମ କାର୍ଯ୍ୟ ପରିଚାଳନା ପାଇଁ ସମ୍ମାନିତ କରିଥିଲେ । ବିଶେଷ କରି ଯେଉଁ ପଦକ୍ଷେପ ଗୁଡ଼ିକ ଭୋଟରଙ୍କ ଅଂଶଗ୍ରହଣକୁ ବଢ଼ାଇଛି ତାହାକୁ ସେ ପ୍ରଶଂସା କରିଥିଲେ । ସୃଜନଶୀଳ ଭୋଟର ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଭୋଟରମାନଙ୍କୁ ପ୍ରୋତ୍ସାହିତ କରୁଥିବାରୁ ଏହି କାର୍ଯ୍ୟକ୍ରମରେ ଦୂରଦର୍ଶନର ମହାନିର୍ଦ୍ଦେଶକ କାଞ୍ଚନ ପ୍ରସାଦଙ୍କୁ ରାଷ୍ଟ୍ରପତି ସମ୍ମାନୀତ କରିଛନ୍ତି ।

ଜାତୀୟ ମତଦାତା ଦିବସର ଚଳିତ ବର୍ଷର ବାର୍ତ୍ତା ରହିଛି 'ମତଦାନ ଠାରୁ ଶ୍ରେଷ୍ଠ କିଛି ନାହିଁ, ଆମେ ନିଶ୍ଚିତ ମତଦାନ କରିବୁ' ।

## ପିଏମ୍

ବିଶ୍ୱର ଆଦ୍ର ଭୂମି ଅନୁବନ୍ଧିତ ସହର ତାଲିକାରେ ମଧ୍ୟପ୍ରଦେଶର ଇନ୍ଦୋର ଏବଂ ରାଜସ୍ଥାନର ଉଦୟପୁର ସହର ଯୋଡ଼ି ହୋଇଛି । ଏହି ତାଲିକାରେ ସମୁଦାୟ ୩୧ଟି ସହରର ନାଁ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ  ଦୁଇ ଭାରତୀୟ ସହରର ଏହି ତାଲିକାରେ ପ୍ରବେଶକୁ ନେଇ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ କହିଛନ୍ତି, ପରିପୂରକ ବିକାଶ ପ୍ରତି ସରକାରୀ ପଦକ୍ଷେପର ପ୍ରତିବଦ୍ଧତାକୁ ଏହା ପ୍ରକାଶ କରୁଛି । ଏହି ସଫଳତା ସମସ୍ତଙ୍କୁ ସବୁଜ, ସ୍ୱଚ୍ଛ ଏବଂ ଅଧିକ ପରିବେଶ ସହାୟକ ସହରୀ ବିକାଶ ପାଇଁ ପ୍ରେରିତ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

## ମିଜୋରାମ-ଇସି

ଦେଶରେ ମୁକ୍ତ ଏବଂ ଅବାଧ ନିର୍ବାଚନ କରାଇବାରେ ନିର୍ବାଚନ କମିଶନ୍‌ଙ୍କ ଭୂମିକା ଅତୁଳନୀୟ ବୋଲି କହିଛନ୍ତି ମିଜୋରାମର ରାଜ୍ୟପାଳ ଡକ୍ଟର ବିଜୟ କୁମାର ସିଂହ । ଏହା ଆମର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସଶକ୍ତ କରିବାରେ ଉଲ୍ଲେଖନୀୟ କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି । ଜାତୀୟ ଭୋଟର୍ସ୍ ଦିବସ ପାଳନ ଅବସରରେ ମିଜୋରାମ୍ ବିଧାନସଭା ସମ୍ମିଳନୀ କକ୍ଷରେ ସେ ଏହା କହିଥିଲେ । ନିର୍ବାଚନ କମିଶନ୍ ସମସ୍ତ

ପ୍ରକାର ପରୀକ୍ଷାରେ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇ ସମସ୍ତଙ୍କ ପାଇଁ ଉଦାହରଣ ସାଜିଛନ୍ତି । ନିର୍ବାଚନ ସମୟରେ ସଚେତନ ଭୋଟରଙ୍କ ଭାଗିଦାରୀକୁ ବୃଦ୍ଧି କରିବା ପାଇଁ ଜାତୀୟ ଭୋଟର୍ସ୍ ଦିବସ ଗୁରୁତ୍ୱପୂର୍ଣ୍ଣ ବୋଲି ଡକ୍ଟର ସିଂହ କହିଛନ୍ତି । ଏହି ଅବସରରେ ମିଜୋରାମର ଜନତାଙ୍କୁ ସେ ଗଣତାନ୍ତ୍ରିକ ପରମ୍ପରାକୁ ଅଧିକ ଶକ୍ତିଶାଳୀ କରିବା ଲାଗି ନିର୍ବାଚନ ପ୍ରକ୍ରିୟାରେ ସକ୍ରିୟ ଭାଗିଦାର ହେବାକୁ ନିବେଦନ କରିଛନ୍ତି ।

## କ୍ରିକେଟ୍

ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଟି-ଟ୍ୱେଣ୍ଟି କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହେଉଛି । ଚେନ୍ନାଇର  ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍ ଠାରେ ଟସ୍ ଜିତି ଭାରତ ପ୍ରଥମେ ଫିଲ୍ଡିଂ କରୁଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଇଂଲଣ୍ଡ ୧୧ ଓଭର ଗୋଟିଏ ବଲ୍‌ରେ ୫ ଓ୍ୱିକେଟ୍ ହରାଇ ୯୦ ରନ୍ ସଂଗ୍ରହ କରିଛି ।

ଏହି ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ଭାରତ ୭ ଓ୍ୱିକେଟ୍‌ରେ ବିଜୟ ଲାଭ କରିଥିଲା ।